بسم الله الرحمن الرحيم

**୭ ମଇ ୨୦୨୧ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ୍ ମୁବାରକ୍, ଟେଲ୍‌ଫୋର୍ଡ୍**

ହଜରତ ମୁହମ୍ମଦ ସ.ଅ.ଙ୍କ ସର୍ବୋଚ୍ଚ ସ୍ତରରେ ବିରାଜମାନ ତଥା ଖଲିଫାଏ ରାଶିଦ୍ଦିନ୍, ସର୍ବଶ୍ରେଷ୍ଠ ଫାରୁକ୍ ହଜରତ ଉମର ବିନ୍ ଖତାବ୍ ର.ଅ.ଙ୍କ ସୌନ୍ଦର୍ଯ୍ୟମୟ ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା । ରମଜାନ ମାସରେ ଯେଉଁ ପୁଣ୍ୟ ଅର୍ଜନ କରିବାର ସାମର୍ଥ୍ୟ ଲାଭ ହେଲା । ତାହାକୁ ଏବଂ ଦରୁଦ୍ ଶରିଫ୍ ଓ ଇସ୍ତେଗ୍‌ଫାର ପାଠ କରିବାକୁ ରମଜାନ ପରେ ମଧ୍ୟ ଅବ୍ୟାହତ ରଖିବା ଏଥିସହିତ ଜମାଅତକୁ ବିଶେଷ ଦୁଆ କରିବାକୁ ପ୍ରିୟ ହଜୁର ଅନଓ୍ୱର ଅ.ବ.ଙ୍କର ଆହ୍ୱାନ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲଲ୍‌ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଅମ୍ମା ବାଦ୍‌ଫାଉଜୁ ବିଲ୍ଲାଃହି ମିନଶ୍ ଶୈତାନ ନିର୍‌ରଜିମ୍ । ବିସ୍‌ମିଲ୍ଲାଃ ହିର୍‌ରହ୍‌ମାନ ନିର୍‌ରହିମ୍ । ଅଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ ଆଲମିନ୍ ଅର୍ ରହ୍‌ମାନ ନିର୍‌ରହିମ । ମାଲିକି ୟୋମିଦ୍‌ଦିନ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ । ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ । ଗୈରିଲ୍ ମଗ୍‌ଯୁବି ଅଲୈହିମ ଓ୍ୱଲଜ୍ୱାଲିନ୍ । ଆମିନ୍ ।**

ତଶହୁଦ୍, ତ’ଉଜ ଓ ସୁରେ ଫାତିହାର ପାଠ କରିବା ପରେ ହଜୁର ଅନଓ୍ୱର ଅ.ବ. କହିଲେ: ହଜରତ ଉମର ର.ଅ.ଙ୍କର ଇସଲାମ ଧର୍ମରେ ଦୀକ୍ଷିତ ହେବା ପ୍ରସଙ୍ଗରେ ଚର୍ଚ୍ଚା ଚାଲିଥିଲା । ହଜରତ ମୁସଲେହ ମଉଦ ର.ଅ. ଆପଣଙ୍କ ଇସଲାମ ଧର୍ମ ସ୍ୱୀକାର କରିବା ସମ୍ପର୍କରେ କୁହନ୍ତି–

ହ.ଉମର ର.ଅ. ଅହରହ ଭାବରେ ଇସଲାମର ବିରୋଧ କରି ଚାଲିଥିଲେ । ଏକଦା ତାଙ୍କ ମନରେ ଏହି କଥା ଜାତ ହେଲା ଯେ କାହିଁକି ଉକ୍ତ ଧର୍ମର ସଂସ୍ଥାପକଙ୍କର କାମ ହିଁ ତମାମ ନକରିଦେବା । ଅତଏବ ସେ ହାତରେ ଖଣ୍ଡା ନେଇ ହଜୁର ସ.ଅ.ଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ ବାହାରି ଗଲେ । ରାସ୍ତାରେ କେହି ଜଣେ ତାଙ୍କୁ କହିଲେ: ତୁମ ଭଉଣୀ ଓ ଭିଣୋଇ ମୁସଲମାନ ହୋଇଯାଇଛନ୍ତି । ଅତଏବ ହ.ଉମର ଭଉଣୀ ଘର ଅଭିମୁଖେ ଚାଲିଲେ । ସେତେବେଳେ ଗୃହ ଭିତରେ ଜଣେ ସାହାବୀ କୁରଆନ ପାଠ କରୁଥିଲେ । ଦ୍ୱାର ଖୋଲିବାରେ ବିଳମ୍ବ ହେବାରୁ ଉମର ର.ଅ.ଙ୍କର କ୍ରୋଧ ଅଧିକ ବଢିଗଲା । ସେ ନିଜ ଭଉଣୀଙ୍କୁ ସିଧାସଳଖ ପ୍ରଶ୍ନ କଲେ କ’ଣ ତୁମେ ମୁସଲମାନ ହୋଇଯାଇଛ ? ତାଙ୍କ ଭିଣୋଇ ଅସଲ କଥା ଲୁଚାଇବାକୁ ପ୍ରୟାସ କଲେ କିନ୍ତୁ ଉମର କ୍ରୋଧରେ ଉତ୍ୟକ୍ତ ହୋଇ ଭିଣୋଇକୁ ମାରିବା ପାଇଁ ଅଗ୍ରସର ହେଲେ ଆପଣଙ୍କ ଭଉଣୀ ହଠାତ୍ ମଝିରେ ଆସିଯିବା ଯୋଗୁଁ ଉମର ମାରିବା ପାଇଁ ଯେଉଁ ହସ୍ତ ଉଠାଇ ନେଇଥିଲେ ତାହା ରୋକି ପାରିଲେ ନାହିଁ ଏବଂ ତାଙ୍କ ହାତ ଖୁବ୍ ଜୋରରେ ନିଜ ଭଉଣୀ ନାସିକାକୁ ଆଘାତ କଲା ଯଦ୍ଦ୍ୱାରା ତାଙ୍କ ନାସିକାରୁ ରକ୍ତ ନିର୍ଗତ ହେଲା । ହ. ଉମର ଜଣେ ଭାବପ୍ରବଣ ବ୍ୟକ୍ତି ଥିଲେ । ଜଣେ ଅବଳା ମହିଳା ଉପରକୁ ହାତ ଉଠାଇଥିବା ଦେଖି ତାଙ୍କ ଅନ୍ତରରେ ଦୟା ଭାବ ଉତ୍ପନ୍ନ ହେଲା । ଅତଏବ ଉମର ତାଙ୍କୁ ସେହି ପୃଷ୍ଠାଗୁଡ଼ିକୁ ଦେଖାଇବା ପାଇଁ ନିବେଦନ କଲେ । ଏଥିରେ ଭଉଣୀ କହିଲେ ଯାଅ ପ୍ରଥମେ ସ୍ନାନ କରିଆସ । ହ.ଉମର ସ୍ନାନ କରି ଆସିଲେ, ତା’ପରେ ତାଙ୍କ ଭଉଣୀ ଉକ୍ତ ପବିତ୍ର କୁରଆନର ପୃଷ୍ଠାମାନ ଯାହା ସେମାନେ ଶୁଣୁଥିଲେ, ପଢିବାକୁ ଦେଲେ । ଯେହେତୁ ଉମରଙ୍କ ଅନ୍ତରରେ ଏକ ନବ ଉନ୍ମାଦ ଆସିଯାଇଥିଲା, ବସ୍ତୁତଃ ଉକ୍ତ ପଙ୍କ୍ତିମାନ ପାଠ କରିବା ମାତ୍ରେ ତାଙ୍କ ଅନ୍ତରରେ ଆତୁରତା ଭାବ ଉତ୍ପର୍ଣ୍ଣ ହେଲା । ସେ ତାହା ପାଠ କରିନେବା ପରେ ଅଣଆୟତ ହୋଇ **ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲ୍ଲାହୁ**

**ଓ ଅଶ୍‌ହଦୁ ଅନ୍ନା ମୁହମ୍ମଦୁର୍ ରସୁଲୁଲ୍ଲାଃ** ପାଠ କରିଦେଲେ । ଏଥିଅନ୍ତେ ହ.ଉମର ମୁକୁଳା ଖଡ଼ଗ୍ ଧରି ହଜୁର ସ.ଅଙ୍କ ସେବାରେ ଦାରେ ଅରକମ୍‌ରେ ଉପସ୍ଥିତ ହୋଇଗଲେ । ହ.ଉମରଙ୍କୁ ଏପରି ମୁକୁଳା ଖଡ଼ଗ୍ ଧରି ଦ୍ୱାର ବାହାରେ ଛିଡ଼ା ହୋଇଥିବାର ଦେଖି ସାହାବାମାନେ ଭୟଭୀତ ହେଲେ । ହ.ହମଜା କହିଲେ, ଦ୍ୱାର ଖୋଲିଦିଅ । ମୁଁ ଦେଖିନେବି ସେ ଆମର କି ଅନିଷ୍ଟ କରିବ ? ଅତଏବ ଦ୍ୱାର ଖୋଲି ଦିଆଗଲା । ଉମର ଆଗକୁ ବଢୁଥିବାର ଦେଖି ହଜୁରସ.ଅ ତାଙ୍କୁ ଆସିବାର କାରଣ ପଚାରିଲେ । ହ.ଉମରର.ଅ ଯେ ମାତ୍ର ଘଣ୍ଟାଏ ପୂର୍ବରୁ ଇସଲାମର ଘୋର ଶତ୍ରୁ ଥିଲେ ଏବଂ ହଜୁର ସ.ଅଙ୍କୁ ହତ୍ୟା କରିବା ପାଇଁ ଘରୁ ସଂକଳ୍ପ କରି ବାହାରିଥିଲେ, କହିଲେ ହେ ଅଲ୍ଲାଃଙ୍କ ରସୁଲସ.ଅ ! ମୁଁ ଆପଣଙ୍କ ଦାସତ୍ୱ ସ୍ୱୀକାର କରିବାକୁ ଆସିଛି । ଅତଏବ କ୍ଷଣକରେ ସେ ଉଚ୍ଚ ପାହିଆର ବିଶ୍ୱାସକାରୀ ପାଲଟିଗଲେ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ଇସଲାମର କେବଳ ଦୁଇ ଜଣ ବୀର ଥିଲେ । ଜଣେ ହ.ହମଜାଃ ଓ ଅନ୍ୟଜଣେ ହ.ଉମରର.ଅ । ଯେତେବେଳେ ସେ ଦୁହେଁ ମୁସଲମାନ ହୋଇଗଲେ ସେତେବେଳେ ସେମାନଙ୍କ ନିବେଦନକ୍ରମେ ହଜୁରସ.ଅ ସର୍ବସମ୍ମୁଖରେ ଖାନା କାବାରେ ନମାଜ ପାଠ କଲେ ।

ଯେତେବେଳେ ହ.ଉମର ର.ଅଙ୍କ ଇସଲାମ ଧର୍ମ ଗ୍ରହଣ କରିବା କଥା ପରିବ୍ୟାପ୍ତ ହେଲା ସେତେବେଳେ କୁରୈଶ ଭିଷଣ ରୂପେ କ୍ରୋଧିତ ହୋଇ ଉଠିଲେ ଏବଂ ସେମାନେ ଉମର ର.ଅଙ୍କ ଘରର ଘେରାଉ କଲେ । ଏତିକିବେଳେ ମକ୍କାର ପ୍ରଧାନ ଆଜମ୍ ଆସ୍ ବିନ୍ ୱାଇଲ୍ ସେଠାରେ ପହଂଚିଲେ ଏବଂ ଏହି ଘୋଷଣା କରି କହିଲେ ମୁଁ ଉମରଙ୍କୁ ସରଣ ଦେଉଛି । ଏଥିଅନ୍ତେ ଉମର କିଛି ଦିନ ଶାନ୍ତିରେ ତ' ଅତିବାହିତ କଲେ କିନ୍ତୁ ତାଙ୍କ ସ୍ୱାଭିମାନ ଏପରି ରହିବାକୁ ବାଧା ଦେଲା । ଅତଏବ ସେ ଆସ୍ ବିନ୍ ୱାଇଲ୍‌ଙ୍କ ଶରଣରୁ ଓହରି ଗଲେ । ହ.ଉମର କୁହନ୍ତି ଏଥିଅନ୍ତେ ମୁଁ ମକ୍କାର ଗଳିରେ ସଂଘର୍ଷ ହିଁ କରୁଥିଲି ଅର୍ଥାତ ମାରିବା ଅବା ମାଡ଼ ଖାଇବାରେ ମୋର ଦିନ କଟୁଥିଲା । ହଜରତ ସୟଦ ଜୈନୁଲ୍ ଆବିଦ୍ଦିନ୍ ୱଲିଉଲ୍ଲାଃ ଶାହ୍ ସାହେବ ଲେଖିଛନ୍ତି ଆସ୍ ବିନ୍ ୱାଇଲ୍‌ଙ୍କର କବିଲା ବନୁ ସହଲ୍ ଓ ହ.ଉମର ର.ଅଙ୍କ ବଂଶ ବନୁ ଅଦି ପରସ୍ପରର ମିତ୍ର ଥିଲେ । ସେହି ସନ୍ଧି ଓ ବନ୍ଧୁତା ଯୋଗୁଁ ଆସ୍ ବିନ୍ ୱାଇଲ୍ ଏପରି ଉତ୍କଟ ପରିସ୍ଥିତିରେ ହ.ଉମର ର.ଅଙ୍କୁ ସାହାଯ୍ୟ କରିବା ନିଜର ଦାୟିତ୍ୱ ମଣିଲେ । ହ.ମୁସଲେହ ମଉଦର.ଅ କୁହନ୍ତି ଦେଖ ହଜୁର ସ.ଅଙ୍କର କେତେ ବଡ଼ ବଡ଼ ଶତ୍ରୁ ଥିଲେ କିନ୍ତୁ ସେମାନଙ୍କ ମଧ୍ୟରେ କିଭଳି ନବ ଜାଗରଣ ଆସିଲା । ହ.ଉମରର.ଅ ଯିଏ ଇସଲାମ ବିରୁଦ୍ଧରେ ଲାଠି ନେଇ ଘୂରି ବୁଲୁଥିଲେ । ତାଙ୍କୁ ଯେତେବେଳେ ମୁସଲମାନ ହେବାର ସୌଭାଗ୍ୟ ଲାଭ ହେଲା ସେତେବେଳେ ସେ ଦିବାରାତ୍ର ଧର୍ମ ସେବାରେ ନିମଜ୍ଜିତ ରହିଲେ ଏବଂ ଧର୍ମର ଉତ୍‌ଥାନରେ ନିଜ ଜୀବନ ଉତ୍ସର୍ଗ କରିଦେଲେ ।

ହ.ଉମର ର.ଅଙ୍କ ଇସଲାମ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ହଜରତ ମସିହ ମଉଦଅ.ସ ନିଜ ଭାଷାରେ ଏଭଳି ବର୍ଣ୍ଣନା କରିଛନ୍ତି: ଅବୁ ଜହଲ୍ ଯେ ହଜୁର ସ.ଅଙ୍କୁ ହତ୍ୟା କରିବା ପାଇଁ ବିପୁଳ ପରିମାଣର ପୁରସ୍କାର ରାଶିର ଘୋଷଣା କରିଥିଲା । ଦେଖ ! ପ୍ରଭୁଙ୍କର ବିଧାନ ଯେ ହଜୁର ସ.ଅଙ୍କୁ ହତ୍ୟା କରିବା ପାଇଁ ବାହାରି ଥିଲା, ସେ ସ୍ୱୟଂ ବର୍ଣ୍ଣନା କରନ୍ତି: ହଜୁରସ.ଅ ସଜଦାଃରେ ଏଭଳି ଆତୁରତାର ସହିତ ରୋଦନ କରି ଦୁଆ କଲେ ଯେ ମୁଁ ସିହରିତ ହୋଇଗଲି ଏବଂ ମୋ ହୃଦୟ ଖଣ୍ଡ ବିଖଣ୍ଡିତ ହୋଇଗଲା । ଶେଷରେ ଭୟରେ ଥରି ମୋ ହସ୍ତରୁ ଖଣ୍ଡା ଖସି ପଡ଼ିଲା । ମୁଁ ହଜୁର ସ.ଅଙ୍କ ଏହି ଅବସ୍ଥାକୁ ଦେଖି ବୁଝିପାରିଲି ଯେ ଏ ସତ୍ୟବାଦୀ ଅଟନ୍ତି ଏବଂ ସେ ନିଜ ସତ୍ ଉଦ୍ଦେଶ୍ୟରେ ନିଶ୍ଚିତ ରୂପେ କୃତକାର୍ଯ୍ୟ ହେବେ । ହ. ମସିହ ମଉଦଅ.ସ ଆଉ ଏକ ବର୍ଣ୍ଣନାରେ ଉଲ୍ଲେଖ କରିଛନ୍ତି: ପରିଶେଷରେ ହ.ଉମର ମୁସଲମାନ ହୋଇଗଲେ । ତା'ପରେ ଅବୁଜହଲ ଓ ଅନ୍ୟ ବିରୋଧୀଙ୍କ

ସହିତ ତାଙ୍କର ଯେଉଁ ବନ୍ଧୁତା ଥିଲା ତାହା ନିମିଷକେ ଭାଙ୍ଗି ଗଲା । ସେହିସ୍ଥଳେ ଏକ ନୂତନ ବନ୍ଧୁତା ସ୍ଥାପନ ହେଲା । ଆପଣଙ୍କୁ ହ.ଅବୁବକର୍ ଓ ଅନ୍ୟ ସାହାବାମାନେ ମିଳିଲେ ସେଥିଅନ୍ତେ ସେହି ପୂର୍ବ ସମ୍ପର୍କ ଯାହାକି ତାଙ୍କର ଅମାନ୍ୟକାରୀଙ୍କ ସହିତ ଥିଲା ତାହାର ଚିହ୍ନବର୍ଣ୍ଣ ରହିଲା ନାହିଁ ।

ହ.ଉମର ର.ଅଙ୍କ ଇସଲାମ ଧର୍ମ ଗ୍ରହଣ କରିବା ପ୍ରସଙ୍ଗରେ ହଜରତ ମସିହ ମଉଦ ଅ.ସଙ୍କର ତିନୋଟି ଭିନ୍ନ ଭିନ୍ନ ବର୍ଣ୍ଣନା ଆଲୋଚନା କରିବା ପରେ ହଜୁର ଅନଓ୍ୱରଅ.ବ କହିଲେ– ଏହି ତିନୋଟି ସ୍ଥଳେ ରାତ୍ର ସମୟରେ ଖାନା କାବାରେ ହଜୁର ସ.ଅଙ୍କ ଉପରେ ଆକ୍ରମଣ କରିବାର ଚର୍ଚ୍ଚା ରହିଛି । ସମ୍ଭବତଃ ହ.ଉମର ଏହାପରେ ନିଜ ତାମସିକ ସ୍ୱଭାବରେ ବିବଶଃ ହୋଇ ଦିନବେଳା ମଧ୍ୟ ଆକ୍ରମଣ କରିବା ପାଇଁ ବାହାରି ଥିବେ ଯଦ୍ୱାରା ସେହି ଭାଇ ଭଉଣୀର ଘଟଣା ଘଟିଛି ।

ହ. ଇବନେ ଉମର ବର୍ଣ୍ଣନା କରନ୍ତି ଯେତେବେଳେ ହ.ଉମରର.ଅ ଇସଲାମ ଧର୍ମରେ ଦୀକ୍ଷିତ ହେଲେ ସେତେବେଳେ ହଜୁରସ.ଅ ଏହି ଦୁଆ ଅର୍ଥାତ **ହେ ଅଲ୍ଲାଃ ! ଏହା ହୃଦୟରେ ଯେଉଁସବୁ ମଳିନତା ରହିଛି ତାହାକୁ ଦୂର କରିଦିଅ ଏବଂ ତାହାକୁ ବିଶ୍ୱାସରେ ରୂପାନ୍ତରିତ କରିଦିଅ ।** ପାଠ କରି ତିନି ଥର ହ.ଉମର ର.ଅଙ୍କ ଛାତିରେ ନିଜ ପବିତ୍ର ହସ୍ତ ବୁଲାଇ ଆଣିଲେ ।

ଏକଦା ହ.ଉମରର.ଅ ହଜୁର ସ.ଅଙ୍କୁ କହିଲେ ଆପଣ ମୋତେ ପ୍ରତ୍ୟେକ ବସ୍ତୁ ତୁଳନାରେ ଅଧିକ ପ୍ରିୟ କିନ୍ତୁ ମୋ ନିଜସ୍ୱ ବ୍ୟତୀତ । ହଜୁରସ.ଅ କହିଲେ ତୁମର ବିଶ୍ୱାସ ସେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ତୁମ ନିଜସ୍ୱ ଠାରୁ ମଧ୍ୟ ଅଧିକ ପ୍ରିୟ ହୋଇ ନାହିଁ । ବସ୍ତୁତଃ ହ.ଉମର କହିଲେ ଅଲ୍ଲାଃଙ୍କ ରାଣ ! ଏବେ ଆପଣ ମୋତେ ମୋ ନିଜଠାରୁ ମଧ୍ୟ ଅଧିକ ପ୍ରିୟ ଅଟନ୍ତି । ହଜୁରସ.ଅ କହିଲେ ତେବେ ଠିକ୍ ଅଛି ।

ହ.ଉମର ର.ଅଙ୍କର ମଦିନା ପ୍ରବାସ କରିବା ପ୍ରସଙ୍ଗରେ ହ.ଅଲୀଙ୍କର ବର୍ଣ୍ଣନା ମିଳୁଛି ଯେ ହ.ଉମରର.ଅ ପ୍ରବାସ କରିବା ସକାଶେ ମନସ୍ଥ କଲେ ଏବଂ ନିଜ ଖଣ୍ଡା ଓ ଧନୁତୀର ନେଇ ଖାନା କାବା ଗଲେ ଏବଂ ଘୋଷଣା କଲେ ଯେକେହି କାମନା କରୁଛି ଯେ ତାହାର ମାତା ତାକୁ ହରାଉ, ତାହାର ସନ୍ତାନ ଅନାଥ ହୁଅନ୍ତୁ ଏବଂ ତାହାର ପତ୍ନୀ ବିଧବା ହେଉ ତେବେ ସେ ମୋତେ ଏହି ଉପତ୍ୟାକା ଅତିକ୍ରମ କରି ତାହାର ଅପର ପାର୍ଶ୍ୱରେ ସାକ୍ଷାତ କରୁ ।

ଏପରି ଆପଣଙ୍କର ମୁକ୍ତ କଣ୍ଠରେ ଘୋଷଣା କରି ପ୍ରବାସ କରିବାର କେବଳ ଏହି ଗୋଟିଏ ମାତ୍ର ବର୍ଣ୍ଣନା ମିଳୁଛି । କିନ୍ତୁ ଅଧିକାଂଶ ଜୀବନୀ ଲେଖାଳି ତହିଁରୁ ଭିନ୍ନ ମତ ପୋଷଣ କରିଥାନ୍ତି । ଉଦାହରଣ ସ୍ୱରୂପ ମୁହମ୍ମଦ ହୁସୈନ ହୈକଲ୍ ଏହି ତର୍କ କରିଛନ୍ତି ଯେ ହଜୁରସ.ଅ ଆପଣଙ୍କୁ ନିରବତାର ସହିତ ଲୁଚିଛପି ପ୍ରବାସ କରିବାର ଆଦେଶ ଦେଇଥିଲେ । ଆପଣ ଉକ୍ତ ଆଦେଶର କିଭଳି ଅବମାନନା କରିପାରିଥାନ୍ତେ ।

ପ୍ରବାସକାରୀଙ୍କ ମଧ୍ୟରୁ ହ.ମୁସଅବ୍ ବିନ୍ ଉମେର୍ର.ଅ, ହ.ଇବନେ ଉମ୍ମେ ମକତୁମ୍ଙ୍କ ଅନ୍ତେ ହ.ଉମରର.ଅ ୨୦ଜଣ ସାହାବୀଙ୍କ ସାଥିରେ ମଦିନା ଅଭିମୁଖେ ପ୍ରବାସ କରିଥିଲେ । କବାରେ ଆପଣ ରଫା ବିନ୍ ଅବଦୁଲ୍ ମନଜର୍ ର.ଅଙ୍କର ଅତିଥି ହୋଇଥିଲେ । ମକ୍କାରେ ହଜୁରସ.ଅ ଆପଣଙ୍କ ମୈତ୍ରିକ ସମ୍ପର୍କ ହ.ଅବୁବକର ର.ଅଙ୍କ ସହିତ ଓ ମଦିନାରେ ହ.ଅଓ୍ୱିମ୍ ବିନ୍ ସାଦାଃଙ୍କ ସାଥିରେ କରିଥିଲେ । ହ.ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଆପଣଙ୍କ ମୈତ୍ରିକ ସମ୍ପର୍କ ହ.ଉତବାନ୍ ବିନ୍ ମାଲିକ୍ ସହିତ କରିଥିଲେ ।

ହ. ମୁସଲେହ ମଉଦର.ଅ ଅଜାନର ପ୍ରାରମ୍ଭ ହେବା ସଂପର୍କରେ ବର୍ଣ୍ଣନା କରନ୍ତି ହ.ଅବଦୁଲ୍ଲାଃ ବିନ୍ ଜୈଦେଙ୍କୁ ଅଲ୍ଲାଃତାଲା ସ୍ୱପ୍ନ ମାଧ୍ୟମରେ ଅଜାନର ଶବ୍ଦ ଶିଖାଇଲେ ଏବଂ ସେହି ସ୍ୱପ୍ନାଦେଶ ଆଧାରରେ ଆଁହଜରତସ.ଅ ମୁସଲମାନମାନଙ୍କୁ ଅଜାନ ଦେବାର ଆଦେଶ ଦେଲେ । ହ. ଉମରର.ଅ କହୁଥିଲେ ହେ ଅଲ୍ଲାଃଙ୍କ ରସୁଲ ! ମୋତେ

ମଧ୍ୟ ସେହି ଅଜାନର ଶବ୍ଦ ପରମେଶ୍ୱର ସ୍ୱପ୍ନରେ ଶିଖାଇଛନ୍ତି । କିନ୍ତୁ ଏହି ଭାବନାରେ କି ଆଉ ଜଣେ ଏହା କହି ଦେଇଛନ୍ତି ମୁଁ ୨୦ଦିନ ପର୍ଯ୍ୟନ୍ତ ନିରବ ରହିଲି ।

ହ.ଉମର [ର.ଅ]ଙ୍କ ସମ୍ପର୍କିତ ଅବଶିଷ୍ଟାଂଶ ଘଟଣାବଳୀ **ଇନ୍‌ଶାଅଲ୍ଲାଃ** ଆଗାମୀ ଖୁତ୍‌ବାରେ ବର୍ଣ୍ଣନା କରିବି । ହଜୁର ଅନଓ୍ୱର[ଅ.ବ] କହିଲେ- ଆଜି ରମଜାନ ମାସର ଶେଷ ଜୁମା । ରମଜାନ ମାସରେ ଯେଉଁ ପୁଣ୍ୟକର୍ମ କରିବା ପ୍ରତି ସାମର୍ଥ୍ୟ ଲାଭ ହେଲା ସେହି ପୁଣ୍ୟାବଳୀଗୁଡିକୁ ଅବ୍ୟାହତ ରଖିବା ପାଇଁ ଆମମାନଙ୍କୁ ଚେଷ୍ଟା କରିବା ଉଚିତ । ଗତ ଖୁତବାରେ ମୁଁ ଦରୁଦ୍, ଇସ୍ତେଗଫାର୍ ଆଡ଼କୁ ଦୃଷ୍ଟି ଆକର୍ଷଣ କରିଥିଲି । ତାହା କେବଳ ରମଜାନ ମାସ ପର୍ଯ୍ୟନ୍ତ ସୀମିତ ନରହୁ । ପ୍ରତ୍ୟେକ ଯୁଗରେ ଯେତେବେଳେ ଦଜ୍ଜାଲି ଉପଦ୍ରବ ଓ କୁମନ୍ତ୍ରଣା ନବ ନବ କୌଶଳ ପ୍ରୟୋଗ କରୁଛି । ଆମମାନଙ୍କୁ ସେହି ଶୈତାନୀ ଆକ୍ରମଣ ଓ ଦଜ୍ଜାଲି ଉପଦ୍ରବରୁ ନିଜ ସନ୍ତାନମାନଙ୍କୁ ସୁରକ୍ଷିତ ରଖିବା ପାଇଁ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କ ଅସ୍ତିତ୍ୱ ଓ ଇସଲାମର ସୌନ୍ଦର୍ଯ୍ୟମୟ ଶିକ୍ଷା ସହ ସେମାନଙ୍କୁ ଅବଗତ କରିବା ଆବଶ୍ୟକ । ଏହା ସେତେବେଳେ ସମ୍ଭବପର ଯେତେବେଳେ ଆମର ସମ୍ପର୍କ ପ୍ରଭୁଙ୍କ ସହିତ ସୁଦୃଢ ହେବ । ଆମ ନମାଜ ଓ ଉପାସନା ଉଚ୍ଚ ସ୍ତରୀୟ ହେବ । ଗୁରୁଜନ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଅହମଦିମାନଙ୍କ ସନ୍ତାନ ହୁଅନ୍ତୁ ଅଥବା ନବାଗତ ଅହମଦି ସମସ୍ତଙ୍କୁ ମନେରଖିବା ଉଚିତ ଯେ ଆମେ ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବା ଏବଂ ନିଜ ଅବସ୍ଥାର ଅନୁଶିଳନ କରୁଥିବା । ତେବେଯାଇ ଆମେ ନିଜକୁ ଓ ନିଜ ସନ୍ତାନମାନଙ୍କୁ ରକ୍ଷା କରିପାରିବା ।

ଆଜିକାଲି ଯେଉଁ କରୋନା ଭୂତାଣୁ ଜନିତ ରୋଗ ବ୍ୟାପିଛି ତହିଁରୁ ସୁରକ୍ଷିତ ରହିବା ପାଇଁ ଏବଂ ଅଲ୍ଲାଃତାଲାଙ୍କର କୃପା ପ୍ରାପ୍ତ କରିବା ପାଇଁ ମଧ୍ୟ ବିଶେଷ ରୂପେ ଅଧିକ ଦୁଆ କରିବାର ଆବଶ୍ୟକତା ରହିଛି । ସେହିପରି ବିଶେଷକରି ସେହି ରାଷ୍ଟ୍ରମାନଙ୍କରେ ଯେଉଁ ରାଷ୍ଟ୍ରମାନଙ୍କରେ ଅହେମଦିୟତର ଘୋର ବିରୋଧ ଜାରି ରହିଛି । ଅଲ୍ଲାଃତାଲା ସେମାନଙ୍କ ପାଇଁ ସହଜତା ସୃଷ୍ଟି କରନ୍ତୁ । ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନଙ୍କୁ ବିଶେଷ କରି ଏହି ଦିନମାନଙ୍କରେ ଓ ପରେ ମଧ୍ୟ ଦାନ ଦକ୍ଷିଣା ଏବଂ ଦୁଆ ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । **ରବ୍‌ବି କୁଲ୍ଲୁ ଶୈଇନ ଖାଦିମୁକା ରବ୍‌ବି ଫାହ୍‌ଫଜ୍‌ନି ଓ୍ୱନ୍‌ସୁର୍‌ନି ଓ୍ୱର୍‌ହମ୍‌ନି** ଏବଂ **ଅଲ୍ଲାଃହୁମ୍ମା ଇନ୍ନା ନଜ୍‌ଅଲୁକା ଫିନୁହୁରିହିମ୍ ଓ୍ୱ ନାଉଜୁବିକା ମିନ୍ ଶୁରୁରିରିହିମ୍** । ଏହି ଦୁଆକୁ ଅଧିକରୁ ଅଧିକ ପଢନ୍ତୁ । ରମଜାନ ମାସରେ ଯେଉଳି ନମାଜକୁ ସଜାଡି ପଢୁଥିଲେ ସେହିପରି ରମଜାନ ପରେ ମଧ୍ୟ ଜାରି ରଖିବା ଉଚିତ । ସମସ୍ତ ପ୍ରକାର ବିଶୃଙ୍ଖଳା, ବିପଦ, ମୁସଲମାନ ଓ ସାମୂହିକ ରୂପେ ସମସ୍ତ ମାନବ ଜାତି ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ଏଥି ସକାଶେ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱନସ୍‌ତଇନୁହୁ ଓ୍ୱନସ୍‌ତଗ୍‌ଫିରୁହୁ ଓ୍ୱନୁମିନୁ ବିହି ଓ୍ୱନତଓ୍ୱକ୍‌କଲୁ ଅଲୈ ଓ୍ୱନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ଓ୍ୱମିନ୍ ସଇଆତି ଆମାଲିନା ମଇଁ ୟହଦିହିଲ୍ଲାହୁ ଫଲା ମୁଜିଲ୍ଲା ଲହୁ ଓ୍ୱମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓ୍ୱ ନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍‌ଲଲ୍‌ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲି ଓ୍ୱଲ୍ ଇହ୍‌ସାନି ଓ୍ୱ ଇତାଇଜିଲ୍ କୁର୍‌ବା ଓ୍ୱ ୟନ୍‌ହା ଅନିଲ୍ ଫାହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ ଲାଅଲ୍ଲକୁମ ତଜକ୍ କରୁନା । ଉଯ୍‌କୁରୁଲ୍ଲାହା ୟଜ୍‌କୁରୁକୁମ୍ ଓ୍ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓ୍ୱଲଜିକରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

7th May 2021